

## ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ବିଜ୍ଞବଚନ

"ଧର୍ମ ନାମରେ ପ୍ରେମର ପଥକୁ ଏକପ୍ରକାର ଅବରୁଦ୍ଧ କରିଦିଆଯାଇଛି । ଗଢ଼ିଉଠିଛି ମନ୍ଦିର , ମସଜିଦ୍ , ଗୀର୍ଜା ଓ ଗୁରୁଦ୍ୱାର । ଉଭା ହେଉଛନ୍ତି ପାଦ୍ରୀ , ପୁରୋହିତ , ମୁଲ୍ଲା ଓ ମୌଲବୀମାନେ । ସୁସଜ୍ଜିତ ସଭାମଞ୍ଚରେ ଶୁଭ୍ର ଅବା ଗୈରୀକ ବସନଭୂଷଣର ଆସ୍ତରଣରେ ତଥାକଥିତ ଧର୍ମ ଓ ପ୍ରେମର ପ୍ରଚାରକ ଓ ପ୍ରବଚକମାନେ । ଏଭଳି ସଭା , ସମିତି, ସମ୍ମିଳନୀର ସଂଖ୍ୟା ବଢ଼ିବାରେ ଲାଗିଛି । ସେମାନଙ୍କ ମୁଖରୁ ଝରିପଡୁଛି କେବଳ ଧର୍ମ ଓ ପ୍ରେମର ବାଣୀ । ମାତ୍ର ସେ ବାଣୀ ଭିତରେ କାଣିଚାଏ ଧର୍ମ ନଥାଏ କି ପ୍ରେମ ନଥାଏ" । ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ନବପ୍ରସୂତ ପୁସ୍ତକ ***ପ୍ରେମର ପୃଥିବୀ*** ପଢୁ ପଢୁ ତାର ପୃ - ୨୬ରେ ଏହି ବିଜ୍ଞବଚନ ମିଳିଗଲା । ସାଂପ୍ରତିକ ଭାରତବର୍ଷର ଏପରି ଏକ ନିଛକ ଚିତ୍ର ଆଉ କେଉଁଠି ଦେଖିଛି ନା ନାଇଁ ଭାବି ହେଉ ହେଉ, ହଜିଗଲି ତାର ଅକ୍ଷରେ ଅକ୍ଷରେ ।

ଏଇ ନିବନ୍ଧର ନାମ ମୁଁ ରଖୁଛି - ବିଶ୍ୱରଞ୍ଜନଙ୍କ ବିଜ୍ଞବଚନ । ଏହି ନିବନ୍ଧ ଏହି ପୁସ୍ତକଟିର ସମାଲୋଚନା ବା ସମୀକ୍ଷା ହେବନାହିଁ । ହେବ ଉଦ୍ଧୃତି । ଏଥିରେ ମୁଁ ଠାବ କରିଥିବା କେତେକ ଅମୂଲ୍ୟ ସୂକ୍ତ କେବଳ ଉଦ୍ଧାର କରାଯିବ ମୋ ପାଠକମାନଙ୍କ ପାଇଁ ।

ପ୍ରେମର ପୃଥିବୀ ସତେ ବା ଏକ ପ୍ରେମର ପୃଥିବୀପାଇଁ ପ୍ରବେଶଦ୍ୱାର ! ଏହାର ମୁଖ୍ୟ ପରିବେଷକ - କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ । ମୂଲ୍ୟ ୧୨୦ ଟଙ୍କା । ପ୍ରଚ୍ଛଦ ଆଙ୍କିଛନ୍ତି ସୁବିଖ୍ୟାତ ଚିତ୍ରକର ଭଲଦେବ ମହାରଥା । ଯେଉଁ ବନ୍ଧୁ ଚାହିଁବେ ଏ ଅମୂଲ୍ୟ ବହିଟିକୁ ସେଇଠୁ ସଂଗ୍ରହ କରିପାରିବେ । ମୁଁ କେବଳ  ଏଠି ରଖିବି ସେହି ସୁକ୍ତିଗୁଡ଼ିକରୁ ସ୍ୱଳ୍ପ କିଛି ।

ଯଥା -

"ପ୍ରେମର ପୃଥିବୀ ହେଉଛି ସମତା ଓ ସହାବସ୍ଥାନର ପୃଥିବୀ । ଏଠାରେ କେହି କାହାର ପ୍ରଭୁ ବା କେହି କାହାର ଭୃତ୍ୟ ନୁହେଁ । ପ୍ରତ୍ୟେକ ଏଠି ନିଜପାଇଁ ନୁହେଁ , ଅନ୍ୟପାଇଁ ସମର୍ପିତ । ଅନ୍ୟପାଇଁ ଅଙ୍ଗୀକାରବଦ୍ଧ । ଫଳରେ ଏଠି ନାନା ରୂପରଙ୍ଗରେ ସୃଜନଶୀଳତାର ହିଁ ପରିପ୍ରକାଶ ଘଟେ । ସାହିତ୍ୟ , ସଙ୍ଗୀତ , କଳା , ସ୍ଥାପତ୍ୟର ବିକାଶ ହୁଏ । ଉତ୍କର୍ଷ ସାଧିତ ହୁଏ । ପ୍ରେମହୀନ ହୃଦୟ କେବେ ପ୍ରକୃତ ଅର୍ଥରେ ସୃଜନଶୀଳ ହୋଇପାରିବ ନାହିଁ । ସେ ଅନୁକରଣ କରିପାରେ । ତାର ଅଧ୍ୟୟନ , ପୋଥିଜ୍ଞାନରେ ସେ ହୁଏତ ଅନ୍ୟକୁ ଚମତ୍କୃତ କରିପାରେ । ମାତ୍ର ଯଥାର୍ଥ ସୃଷ୍ଟି ପ୍ରେମମୟ ହୃଦୟରୁ ହିଁ ସମ୍ଭବ । ଏ ପ୍ରକାର ହୃଦୟ ବାହାର ଦୁନିଆଁର କୋଳାହଳଠାରୁ ଦୂରରେ ଧ୍ୟାନସ୍ଥ ଥାଏ । ଗଭୀର ନିରବତାରେ ନିମଗ୍ନ ଥାଏ" (ପୃ- ୨୯) ।

"ଜୀବନକୁ ଯାହା ଧରିରଖେ ତାହା ଧର୍ମ । ଆଉ ଜୀବନକୁ ଧରିରଖିବାର ମନ୍ତ୍ରଟି ହେଉଛି ପ୍ରେମ । ପ୍ରେମରୁ ହିଁ ଜୀବ । ପ୍ରେମର ଏ ପୃଥିବୀ । ମାତ୍ର ଜୀବନକୁ ଧାରଣ କରିରଖିବାର ଅସଲ ଶକ୍ତିଟି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଏବଂ ପ୍ରେମର ପୃଥିବୀ ହେଉଛି କ୍ରମଶଃ ପ୍ରଦୁଷିତ । ଧର୍ମଭିତରୁ ଜୀବନର ଅସଲ ସୂତ୍ରଟି କାଢ଼ି ନିଆଯାଇ ତାକୁ ନିର୍ଦ୍ଦିଷ୍ଟ ପୂଜାପଦ୍ଧତି , ଆଚାର ଉପଚାର ଓ ବିଧିବିଧାନ ଭିତରେ ବାନ୍ଧିଦିଆଯାଇଛି । ଫଳରେ ଧର୍ମ ନାମରେ ସାରା ପୃଥିବୀରେ ଏବେ ବହୁ ଆଡ଼ମ୍ବର ସହକାରେ ଆକର୍ଷଣୀୟ ଭାବରେ ମନ୍ଦିର , ମସ୍‌ଜିଦ୍ , ଗୀର୍ଜା , ଗୁରୁଦ୍ୱାର ପରି ପୀଠ ସବୁ ଗଢ଼ିଉଠୁଛି । କେଉଁଠି ସେ ସବୁକୁ ସୁନାର ଛାଉଣୀରେ ଛାଇଦିଆଯାଉଛି ତ ଆଉ କେଉଁଠି ସେ ସବୁର ପୀଠଦେବମାନଙ୍କପାଇଁ ବହୁମୂଲ୍ୟ ରତ୍ନଅଳଙ୍କାରରେ ସିଂହାସନ ଓ ମୁକୁଟ ଖଞ୍ଜିଦିଆଯାଇଛି । କଳ୍ପନାର ଦେବତାଙ୍କ ବଦଳରେ ଭେକଧାରୀ ଭଗବାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି" (ପୃ-୩୩) ।

"ମଣିଷ ଆଜି ନିଜର ସର୍ବଗ୍ରାସୀ କ୍ଷୁଧା ଓ କାମନା ବାସନାର ପରିପୂର୍ତ୍ତି ପାଇଁ କେବଳ ପ୍ରକୃତି ଓ ପ୍ରାଣୀ ଜଗତକୁ ଧ୍ୱଂସ କରୁନାହିଁ , ନିଜେ ନିଜର ଶତ୍ରୁ ପାଲଟି ଆତ୍ମଘାତୀ କାର୍ଯ୍ୟରେ ମାତିଛି । ପ୍ରେମର ପୃଥିବୀରେ ପ୍ରତିହିଂସାର ନିଆଁ ଜଳୁଛି । ଜାତିକୁ ନେଇ , ଧର୍ମକୁ ନେଇ , ରାଜନୀତିକୁ ନେଇ - ତୁଚ୍ଛା ଆଦର୍ଶବାଦର କଥା କହି ଏ ନିଆଁ ଜଳାଇରଖିବାର ପ୍ରୟାସ ମଧ୍ୟ ଜାରି ରହିଛି " (ପୃ-୧୧୧) ।

"ପ୍ରେମର ପ୍ରସାର ଘଟିଲେ ଏ ପୃଥିବୀ ଭିନ୍ନ ଧରଣର ହୋଇଯାନ୍ତା । ଅପସରିଯାନ୍ତା ଯୁଦ୍ଧର ବିଭିଷିକା । ଆତଙ୍କବାଦର ଭୟ ଓ ଆତଙ୍କ  । ଧ୍ୱଂସର ଧୂଆଁ ଓ ଧରିତ୍ରୀର କାନ୍ଦ" (ପୃ - ୧୭) ।

"କେଉଁଠି ସତରେ ପ୍ରେମର ପୃଥିବୀ? ମନ୍ଦିରରେ? ମସ୍‌ଜିଦ୍ , ଗୀର୍ଜା ଓ ଗୁରୁଦ୍ୱାରରେ? ସେଠି ବି ପ୍ରର୍ଥନାରେ , ପ୍ରଭୁପଦେ ନିସର୍ତ୍ତ ସମର୍ପଣର , ପ୍ରେମର ପରିଭାଷା ନାହିଁ , ଅଛି ସ୍ୱାର୍ଥର କାମନା । ଅପରକୁ ପରାଜିତ କରି ନିଜପାଇଁ ଉଡ଼ାଇବାକୁ ବିଜୟର ବାନା" (ପୃ-୫୪) ।

"ଆମ ସମାଜରେ ଏଭଳି କେତେକ ବିଶିଷ୍ଟ ବୁଦ୍ଧିଜୀବୀ ତଥା ପଣ୍ଡିତ ଶ୍ରେଣୀର ବ୍ୟକ୍ତି ଅଛନ୍ତି , ଯେଉଁମାନେ ପ୍ରେମର ଭାବ ଓ ଭାବନା କିମ୍ବା ତଜ୍ଜନିତ ରଚନାକୁ ନିହାତି ଅସଙ୍ଗତ , ଅର୍ଥହୀନ ଓ ଅସାର ବୋଲି ମନେକରନ୍ତି । ସେମାନେ ହୁଏତ ପ୍ରେମର ତତ୍ତ୍ୱ ବଖାଣନ୍ତି , ପ୍ରେମର ଦର୍ଶନ ଶୁଣାନ୍ତି , ମାତ୍ର ସ୍ୱୟଂ ପ୍ରେମଠାରୁ ବହୁଦୂରରେ ଥାନ୍ତି" (ପୃ-୫୩) ।

"ପ୍ରେମ ହିଁ କେବଳ ଅମରତ୍ୱର କଥା କହେ । ଶରୀରକୁ ସ୍ପର୍ଶ କରି , ଶରୀରକୁ ଭେଦ କରି ଏହା ପୁଣି ଏଭଳି ଏକ ସ୍ତରକୁ ନେଇଯାଏ , ଯେଉଁଠି ଶରୀର ଥିବା ନଥିବାର କୌଣସି ଅର୍ଥ ନଥାଏ" (ପୃ - ୧୪ ) ।

"ପ୍ରକୃତରେ ପ୍ରେମ ହିଁ କେବଳ ଜୀବନକୁ ଭିଜେଇ ଦେଇପାରେ । ହଜେଇଦେଇପାରେ । ଏଠି ହଜେଇବାର ଅର୍ଥ ନିଜକୁ ଖୋଜି ପାଇବା । ଅନ୍ୟ ଭିତରେ ଆପଣାକୁ ଆବିଷ୍କାର କରିବା । ଆତ୍ମାଭିସାର  ଓ ଆତ୍ମ-ଆବିଷ୍କାର ଭିତରେ ହିଁ ପ୍ରେମର ପରିଚୟ ଓ ପ୍ରତିଷ୍ଠା" (ପୃ-୩୮) ।

"ପ୍ରେମର ଅର୍ଥ ହେଉଛି , ନିଜକୁ ନିଜ ଭିତରୁ ବାହାର କରିଦେଇ ଅପରକୁ ସେଠି ଆଣି ସ୍ଥାପନା କରିବା , ମନେ ହେବ, ସତେ ଯେମିତି ତମେ ନାହଁ, ତମ ସ୍ଥାନରେ ସେହି ଅନ୍ୟ ଜଣକ ହିଁ ରହିଛି ଯାହାକୁ ତମେ ପ୍ରେମ କରୁଛ" (ପୃ- ୪୦ ) ।

"ଜୀବନ ମରଣକୁ ସାମ୍ନା କରିବା ପାଇଁ ପ୍ରେମ ହିଁ ଦିଏ ଶକ୍ତି । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହେଉଛି ପ୍ରେମ ଓ ଭୟଶୂନ୍ୟତା" (ପୃ-୪୮) ।

"ପ୍ରେମ ଭୟଶୂନ୍ୟ । ଈଶ୍ୱରଙ୍କ ପ୍ରତି ଭୟରୁ ଧର୍ମର ଆରମ୍ଭ । କିନ୍ତୁ ତାର ଶେଷ ଈଶ୍ୱରଙ୍କ ପ୍ରତି ପ୍ରେମରେ" (ପୃ -୯୮) ।

"ଯେଉଁଠି ପ୍ରେମ ସେଇଠି ସ୍ୱର୍ଗ । ପ୍ରେମବିହୀନ ସ୍ୱର୍ଗ ବାସ୍ତବ ନୁହେଁ , କଳ୍ପନା ମାତ୍ର" (ପୃ-୧୦୩) ।

"ଶିକ୍ଷା ନାମରେ , ସଂସ୍କୃତି ନାମରେ , ଧର୍ମ ନାମରେ ଦିନକୁ ଦିନ ନୂଆ ନୂଆ ଦୋକାନ ବଜାର ଗଢ଼ିଉଠୁଛି । ଏପରିକି , ମିଡ଼ିଆ ଓ ଦେଶର ରାଜନୀତି ମଧ୍ୟ  ଏହି ବଜାରବାଦ ଭିତରେ ତାର ଭିନ୍ନ , ବିକୃତ ପରିଚୟ ସୃଷ୍ଟି କଲାଣି । ଶେଷରେ ପ୍ରେମଭିତ୍ତିକ ମାନବୀୟ ସମ୍ବନ୍ଧ ବି ଏକ ସଂକଟଜନକ ସ୍ଥିତିରେ ପହଞ୍ଚିଗଲାଣି" (ପୃ-୪୫) ।

"ବ୍ୟକ୍ତି ସମ୍ବନ୍ଧ ତଥା ସାମାଜିକ ସମ୍ବନ୍ଧ ମଧ୍ୟରେ ଥିବା ପ୍ରେମର ନୈସର୍ଗିକ ସ୍ରୋତକୁ ବିଲୀନ କରିଦେବା ଲାଗି ପୁଞ୍ଜିବଜାରର ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି । ସମ୍ବେଦନାଶୂନ୍ୟ , ସ୍ପନ୍ଦନହୀନ, ବିଚାରବିହୀନ ସମାଜର ନିର୍ମାଣ ପାଇଁ ପରିବେଶ ସୃଷ୍ଟିକରାଯାଉଛି" (ଏଯ୍ନ) ।

"ପ୍ରେମରେ ହିଁ ସମ୍ଭବ ଏକ ସୁଖୀ ସଂସାର ଓ ପରିବାର । ପ୍ରେମ ଥିଲେ ପାରିବାରିକ ଜୀବନର ସକଳ ବିପତ୍ତିକୁ ସଫଳତାର ସହ ମୁକାବିଲା କରିହେବ । ଧନ ସଂପଦ ଓ ବୈଷୟିକ ସୁଖ ସମୃଦ୍ଧି ନୁହେଁ , ପ୍ରେମ ହିଁ ଏକ ସୁଖୀ ପରିବାରର ଅସଲ ସୁଖ ଓ ସଂପତ୍ତି" (ପୃ-୮୦) ।

"ପ୍ରେମପ୍ଲାବିତ ହୃଦୟକୁ ନେଇ ଆମେ ଆକାଶକୁ ସ୍ପର୍ଶ କରିବାର ଅଭିପ୍ସା ରଖିବା ନା ପ୍ରେମଶୂନ୍ୟ ଜୀବନରେ ନର୍କଗାମୀ ହେବା? ଏହାର ବିଚାର ଓ ନିର୍ଣ୍ଣୟ ଆମ ହାତରେ" (ପୃ-୭୭) ।

ଏହି ଆପ୍ତଆହ୍ୱାନ ଦେଇ ଅଧ୍ୟାପକ ବିଶ୍ୱରଞ୍ଜନ ଘୋଷଣା କରିଛନ୍ତି -

"ପ୍ରେମର କୌଣସି ଲକ୍ଷ୍ୟ ନାହିଁ । ପ୍ରେମ ଅନ୍ୟକିଛି ପାଇବାର ଉପାୟ ହେଇନପାରେ । ପ୍ରେମ ହିଁ ପ୍ରେମର ଲକ୍ଷ୍ୟ" (ପୃ-୯୮) ।

ସେଥିପାଇଁ ତାଙ୍କ ପ୍ରଶ୍ନାତୀତ ପ୍ରଶ୍ନ - "ପ୍ରେମଶୂନ୍ୟ ପୃଥିବୀ ସମ୍ଭବ କି?" (ପୃ-୫୯) - ଆମକୁ ଆତ୍ମମଗ୍ନ ହେବାକୁ ବାଧ୍ୟ କରେ ଓ ଖୋଲିଦିଏ ଏହି ପୁସ୍ତକ ଭିତରକୁ ପ୍ରବେଶ କରିବାର ଫାଟକ ।

